# NATIONAL NEWS BULLETIN (ODIA)

## 15th November - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଭଗବାନ୍ ବିର୍ସା ମୁଣ୍ଡା ଭାରତୀୟ ଚେତନାରେ ଆଦିବାସୀ ସମାଜର ଗୌରବ ଏବଂ ଅବିଚ୍ଛେଦ୍ୟ ଅଙ୍ଗ; କହିଲେ ପ୍ରଧାନମନ୍ତ୍ରୀ ।

— ୯ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜନଜାତି ସମ୍ପ୍ରଦାୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଶିଳାନ୍ୟାସ ।

- ସୁଲଭ ମୂଲ୍ୟର ଔଷଧ ଏବଂ ପ୍ରତ୍ୟାରୋପଣ ଚିକିତ୍ସା ଅମୃତ ଯୋଜନାର ୧୦ ବର୍ଷ ପୂର୍ତ୍ତି ।

- ଭାରତ ଓ ଫ୍ରାନ୍ସ ବାୟୁସେନା ଆସନ୍ତାକାଲି ଆରମ୍ଭ କରିବେ ମିଳିତ ସମରାଭ୍ୟାସ ଗରୁଡ଼-୨୫ ।

ଏବଂ

- ଇଡେନ୍ ଗାର୍ଡ଼େନ୍ ଟେଷ୍ଟର ଦ୍ୱିତୀୟ ଇନିଙ୍ଗ୍‌ସରେ ୭ ଓ୍ୱିକେଟ ହରାଇ ୯୩ ରନ୍ କଲା ଦକ୍ଷିଣ ଆଫ୍ରିକା ।

— ପ୍ରଥମ ଇନିଙ୍ଗ୍‌ସରେ ୧୮୯ ରନ୍‌ରେ ଅଲ୍‌ଆଉଟ୍ ହେଲା ଭାରତ ।

## ପି.ଏମ୍. - ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ନର୍ମଦା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଦେଦିଆପଡ଼ା ସହରରେ ଆଜି ୯ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା ତଥା ଆଦିବାସୀ ସଶକ୍ତୀକରଣ ସଂକ୍ରାନ୍ତ ଐତିହ୍ୟ ତଥା ଭିତ୍ତିଭୂମିଗୁଡ଼ିକ ରହିଛି । ବିଶିଷ୍ଟ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଜନଜାତୀୟ ଗୌରବ ଦିବସ ସମାରୋହ ପାଳନ ଅବସରରେ  ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପବିତ୍ର ଦିବସ ଅବସରରେ ଆମେ ସମସ୍ତେ ସବ୍‌କା ସାଥ୍, ସବ୍‌କା ବିକାଶ ମନ୍ତ୍ରକୁ ସୁଦୃଢ଼ କରିବାକୁ ଶପଥ ନେବା । ଦୀର୍ଘ ହଜାରେ ବର୍ଷ ଧରି ଭାରତୀୟ ଚେତନାରେ

ଆଦିବାସୀମାନଙ୍କର ଗୌରବ ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ପରିଗଣିତ ହୋଇଆସୁଛି ।

***Voice (PM Birsa Munda)*** :..........

ଯେତେବେଳେ ଦେଶର ସମ୍ମାନ, ଆତ୍ମଗୌରବ, ସୁଶାସନ କଥା ମନକୁ ଆସେ, ସେତେବେଳେ ଦେଶର ଆଦିବାସୀ ସମାଜକୁ ପ୍ରାଧାନ୍ୟ ଦିଆଯାଇଥାଏ । ଦେଶ କେବେ ମଧ୍ଯ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମାଜର ଅବଦାନକୁ ଭୁଲିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ଗୋବିନ୍ଦ ଗୁରୁ ଚେୟାର ଆଦିବାସୀ ଭାଷା ପ୍ରୋତ୍ସାହନ କେନ୍ଦ୍ର ସ୍ଥାପନ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏଠାରେ ଆଦିବାସୀମାନଙ୍କର ବିଭିନ୍ନ ଉପଭାଷାଗୁଡ଼ିକର ଅଧ୍ୟୟନ କରାଯିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଦିବାସୀମାନଙ୍କର ବିଭିନ୍ନ ଗପ ଏବଂ ସଙ୍ଗୀତକୁ ଏହି କେନ୍ଦ୍ରରେ ମଧ୍ଯ ସଂରକ୍ଷିତ ରଖାଯିବ ।

***Voice (PM Tribal Language)*** :..........

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରକ୍ତଶିକୁଳି ରୋଗ ଅଧିକ ଦେଖାଦେଉଥିବାରୁ ସେଠାରେ ଅଧିକ ସଂଖ୍ୟାରେ ଡାକ୍ତରଖାନା ପ୍ରତିଷ୍ଠା କରିବାପାଇଁ ଶ୍ରୀ ମୋଦି ଗୁରତ୍ୱାରୋପ କରିଛନ୍ତି । ଏହି ରୋଗକୁ ପ୍ରତିହତ କରିବାପାଇଁ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସୁରତ୍ ଗସ୍ତ କରି ଅନ୍ତୋଲି ଅଞ୍ଚଳରେ ନିର୍ମାଣାଧୀନ ବୁଲେଟ୍ ଟ୍ରେନ୍ ଷ୍ଟେସନ୍ କାର୍ଯ୍ୟର ସମୀକ୍ଷା କରିଥିଲେ । ସେ ମଧ୍ୟ ମୁମ୍ବାଇ-ଅହମ୍ମଦାବାଦ ହାଇସ୍ପିଡ୍ ରେଳ କରିଡରର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ ।

ଦେଶର ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପରେ ମୋଟ୍ ୫୦୮ କିଲୋମିଟର ରେଳପଥ ରହିଛି । ସେଥିରୁ ଗୁଜୁରାଟ, ଦାଦ୍ରା, ନଗରହାବେଳୀ ୩୫୨ କିଲୋମିଟର ଏବଂ ମହାରାଷ୍ଟ୍ରରେ ୧୫୬ କିଲୋମିଟର ରେଳପଥ ରହିଛି । ଏହି ରେଳପଥ ସାବରମତୀ, ଅହମ୍ମଦାବାଦ, ଆନନ୍ଦ, ବଦୋଦରା, ଭରୁଚ୍, ସୁରଟ, ବିଲିମୋରା, ଭାପି, ବୋଇସର, ଭିରାର, ଥାନେ ଏବଂ ମୁମ୍ବାଇ ସମେତ ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ । ଏହି ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମୁମ୍ବାଇ-ଅହମ୍ମାଦାବାଦ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ହ୍ରାସ ପାଇବ । ବ୍ୟବସାୟ, ପର୍ଯ୍ୟଟନ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ଏହି ପ୍ରକଳ୍ପ ଦ୍ୱାରା ତ୍ୱରାନ୍ୱିତ ହେବ ।

ଶ୍ରୀ ମୋଦି ମଧ୍ୟ ଆଜି ଦେଡ୍‌ମୋଗ୍ରା ଗ୍ରାମସ୍ଥିତ ସାଗବରା ତାଲୁକା ଯାଇ ଆଦିବାସୀ ସମ୍ପ୍ରଦାୟର ପାଣ୍ଡୋରୀ ମାତା ଦେବୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ ।

## ଜନଜାତୀୟ ଗୌରବ ଦିବସ

ଦେଶ ଆଜି ଜନଜାତୀୟ ଗୌରବ ଦିବସ ପାଳନ କରୁଛି । ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ମରଣୀୟ କରିବାପାଇଁ ଏହି ଦିବସ ପାଳନ କରାଯାଉଛି । ଆଦିବାସୀ ଇତିହାସକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ନଭେମ୍ବର ୧୫ ତାରିଖ ଆଜିର ଦିନକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଇଆସୁଛି । ଏହି ଅବସରରେ ସପ୍ତାହେବ୍ୟାପୀ ଜନଜାତୀୟ ଗୌରବ ଦିବସ ସମଗ୍ର ଦେଶ ତଥା ମନ୍ତ୍ରଣାଳୟରେ ପାଳନ କରାଯିବ । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବିଭିନ୍ନ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଇ ଆଦିବାସୀ ଜନନାୟକ ତଥା ସଂଗ୍ରାମୀମାନଙ୍କ ଅବଦାନକୁ ଲୋକଲୋଚନକୁ ଆଣିବାପାଇଁ ପ୍ରୟାସ କରାଯାଉଛି ।

## ନଡ୍ଡା – ଅମ୍ରିତ ୧୦ ଇୟର୍

ସୁଲଭ ମୂଲ୍ୟରେ ଔଷଧ ଏବଂ ବିଶ୍ୱାସନୀୟ ପ୍ରତ୍ୟାରୋପଣ ଚିକିତ୍ସା – ଅମ୍ରିତ ଯୋଜନାକୁ ଆଜି ୧୦ ବର୍ଷ ପୂରଣ ହୋଇଛି । ନୂଆଦିଲ୍ଲୀରେ ଦଶମ

ଅମ୍ରିତ ସମାରୋହରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଅମ୍ରିତ ଯୋଜନା ଆରମ୍ଭ ହୋଇଥିବାରୁ ବିଭିନ୍ନ ରୋଗୀ ସୁଲଭ ମୂଲ୍ୟରେ ଔଷଧ କ୍ରୟ କରି ପ୍ରାୟ ୮ ହଜାର ୫ ଶହ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି । ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ୨୫୫ଟି ଅମ୍ରିତ ଔଷଧାଳୟ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିରେ ୬ ହଜାର ୫ ଶହ ପ୍ରକାରର ବିଭିନ୍ନ ଔଷଧ ସହିତ ଶଲ୍ୟ ସମ୍ପର୍କିତ ଉପକରଣ ତଥା ସାମଗ୍ରୀ ୫୦ ପ୍ରତିଶତ ରିହାତି ଦରରେ ଉପଲବ୍ଧ ହେଉଛି । ଏହି ଅବସରରେ ଶ୍ରୀ ନଡ୍ଡା ୧୦ଟି ନୂତନ ଅମ୍ରିତ ଔଷଧାଳୟର ଶୁଭାରମ୍ଭ କରିବା ସହ ଆଗାମୀ ଦିନରେ ୫ ଶହଟି ଔଷଧାଳୟ ଖୋଲାଯିବ ବୋଲି କହିଛନ୍ତି । ସେ କହିଛନ୍ତି, ଦେଶର ପ୍ରତ୍ୟେକ ମେଡିକାଲ୍ କଲେଜ୍ ଏବଂ ଜିଲ୍ଲା ହସ୍ପିଟାଲ୍‌ରେ ଅମ୍ରିତ ଔଷଧାଳୟ ସ୍ଥାପନ କରାଯିବ ।

## ମେଟ୍ରୋ - ରେଡ୍ ଫୋର୍ଟ

ଦିଲ୍ଲୀ ମେଟ୍ରୋ ରେଳ ନିଗମ ପକ୍ଷରୁ କୁହାଯାଇଛି, ଲାଲ୍‌କିଲା ମେଟ୍ରୋ ଷ୍ଟେସନ୍‌ର ଗେଟ୍ ନଂ. ୨ ଏବଂ ୩ ଏବେ ଯାତ୍ରୀମାନଙ୍କପାଇଁ ଖୋଲା ରହିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁହାଯାଇଛି, ଅନ୍ୟ ସମସ୍ତ

ଷ୍ଟେସନ୍ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି । ଗତ ସୋମବାର ଦିନ ଦିଲ୍ଲୀର ଲାଲ୍‌କିଲା ନିକଟରେ ଘଟିଥିବା କାର୍ ବିସ୍ଫୋରଣ ପରେ ଲାଲ୍‌କିଲା ମେଟ୍ରୋ ଷ୍ଟେସନ୍‌କୁ ବନ୍ଦ କରି ଦିଆଯାଇଥିଲା ।

## ଡିଫେନ୍ସ - ଗରୁଡ଼ ଏକ୍ସରସାଇଜ୍

ଫ୍ରାନ୍‌ସରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଦ୍ୱିପାକ୍ଷିକ ସାମରିକ ଅଭ୍ୟାସ-ଗରୁଡ଼ ୨୫ର ଅଷ୍ଟମ ସଂସ୍କରଣରେ ଭାରତୀୟ ବାୟୁସେନା ଅଂଶଗ୍ରହଣ କରିବ । ଭାରତୀୟ ବାୟୁସେନା’ ଫ୍ରାନ୍‌ସ ବାୟୁସେନା ତଥା ମହାକାଶ ବଳ ସହ ମିଳିତ ଭାବେ ଏହି ଅଭ୍ୟାସରେ ସାମିଲ୍ ହେବ । ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ବାସ୍ତବିକ ତଥା ଆଧୁନିକ ରଣକୌଶଳ ଶିକ୍ଷା କରିବାପାଇଁ ଭାରତ ଏହି ସମରାଭ୍ୟାସରେ ଅଂଶଗ୍ରହଣ କରୁଛି । ଏହି ଅଭିଯାନରେ ଦେଶର ବାୟୁସେନା ଅଧିକାରୀମାନେ ଫ୍ରାନ୍‌ସ ବାୟୁସେନା ସହ ବିଭିନ୍ନ ବୃତ୍ତିଗତ ଆଲୋଚନା କରିବା ସହ ଜ୍ଞାନର ଆଦାନ ପ୍ରଦାନ କରିବାପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇପାରିବେ ।

ଏହି ସମରାଭ୍ୟାସରେ ଭାରତୀୟ ବାୟୁସେନାର Su-30MKI ଯୁଦ୍ଧ ବିମାନ ସାମିଲ୍ ହେବ, ଯେଉଁଥିରେ ଆକାଶ ପଥରେ ଶତ୍ରୁପକ୍ଷର ମୁକାବିଲା କରିବାର ରଣକୌଶଳ ସମ୍ପର୍କିତ ଜ୍ଞାନ ଆହରଣ କରିପାରିବ ।

## ପଞ୍ଜାବ - ନିଶାମୁକ୍ତ ଭାରତ ଅଭିଯାନ

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଚଳିତ ମାସ ୧୮ ତାରିଖରେ ଅମୃତସର ଗୁରୁ ନାନକ ବିଶ୍ୱବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନର ୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ବିଶାଳ କାର୍ଯ୍ୟକ୍ରମ ଆରମ୍ଭ କରିବ । ଏଥିରେ ପ୍ରାୟ ୭ ହଜାର ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକମାନେ ଯୋଗଦେବେ । ପଞ୍ଜାବ ରାଜ୍ୟପାଳ ଏବଂ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ କାର୍ଯ୍ୟକ୍ରମର ନେତୃତ୍ୱ ନେବେ । ଯୁବପିଢ଼ି ଏବଂ ନାଗରିକମାନଙ୍କୁ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ  ରଖିବା ସହିତ ସୁସ୍ଥ ଜୀବନ ଯାପନ, ମୂଲ୍ୟବୋଧଭିତ୍ତିକ ଜୀବନଶୈଳୀକୁ ଗ୍ରହଣ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ସୂଚନାଯୋଗ୍ୟ, ଯୁବକମାନଙ୍କୁ ନିଶାସେବନରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ’ ୨୦୨୦ ମସିହା ଅଗଷ୍ଟ ମାସ ୧୫ ତାରିଖରେ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଥିଲା ।

# ଏନ୍.ସି.ବି. - ରାଜସ୍ଥାନ ଲ୍ୟାବ୍

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ - ଏନ୍.ସି.ବି. ରାଜସ୍ଥାନର ସିରୋହି ଜିଲ୍ଲାର ଏକ ଦୁର୍ଗମ ଗ୍ରାମରେ ଚାଲିଥିବା ନିଶାଦ୍ରବ୍ୟ ସମ୍ପର୍କିତ ବେଆଇନ ପରୀକ୍ଷାଗାରକୁ ଠାବ କରାଯାଇଛି । ରାଜସ୍ଥାନ ପୁଲିସ ସହ ମିଳିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏନ୍.ସି.ବି. ଏହି କାର୍ଯ୍ୟରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି । ପରୀକ୍ଷାଗାରରୁ ୧୦୦ କିଲୋଗ୍ରାମରୁ ଅଧିକ ରାସାୟନିକ ଦ୍ରବ୍ୟ ଜବତ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୪୦ କୋଟି ଟଙ୍କା ହେବ । ସାଧାରଣ ନାଗରିକମାନଙ୍କୁ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଘଟିଲେ ତୁରନ୍ତ ସୂଚନା ଦେବାପାଇଁ ଏନ୍.ସି.ବି. ପକ୍ଷରୁ ଜନସାଧାରଣଙ୍କୁ କୁହାଯାଇଛି ।

# ମୁମ୍ବାଇ - କନ୍ଷ୍ଟ୍ରକ୍ସନ ସାଇଟ୍ ଆକ୍ସିଡେଣ୍ଟ

ମୁମ୍ବାଇର ବାଇକୁଲା ଅଞ୍ଚଳରେ ଏକ ନିର୍ମାଣାଧୀନ କୋଠାରେ କାର୍ଯ୍ୟ କରୁଥିବାବେଳେ ଦୁର୍ଘଟଣାରେ ୨ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣାସ୍ଥଳରୁ ୫ ଜଣ ଶ୍ରମିକଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ସେଠାରେ ୨

ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ୩ ଜଣ ଆହତ ଶ୍ରମିକଙ୍କ ଅବସ୍ଥା ସ୍ଥିର ରହିଥିବା ନେଇ ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି ।

## ଇଣ୍ଡିଆ-ସାଉଥ୍ ଆଫ୍ରିକା ଟେଷ୍ଟ

କୋଲ୍‌କାତା ଇଡେନ୍ ଗାର୍ଡେନ ଟେଷ୍ଟର ଦ୍ୱିତୀୟ ଦିନର ଖେଳରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଙ୍ଗ୍‌ସରେ ୭ ୱିକେଟ୍ ହରାଇ ୯୩ ରନ୍ ସଂଗ୍ରହ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବାଭୁମା ୨୯ ଏବଂ କାର୍ବିନ୍ ବସ୍ ୧ ରନ୍ କରି ଅପରାଜିତ ଥିଲେ । ଦକ୍ଷିଣ ଆଫ୍ରିକା ୬୩ ରନ୍‌ରେ ଅଗ୍ରଣୀ ରହିଛି ।

ଆଜି ଭାରତ ପ୍ରଥମ ଇନିଙ୍ଗ୍‌ସରେ ୧୮୯ ରନ୍ କରି ଅଲ୍ ଆଉଟ୍ ହୋଇଥିଲାବେଳେ ଭାରତ ପକ୍ଷରୁ କେ.ଏଲ୍. ରାହୁଲ୍ ସର୍ବାଧିକ ୩୯ ରନ୍ କରିଥିବାବେଳେ ୱାଶିଂଟନ୍ ସୁନ୍ଦର ୨୯ ରନ୍ କରିଥିଲେ । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ଗତକାଲି ପ୍ରଥମ ଇନିଙ୍ଗ୍‌ସରେ ୧୫୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଭାରତୀୟ ବୋଲର୍ ଯଶପ୍ରୀତ ବୁମ୍ରାହ ୫ ୱିକେଟ୍ ଅକ୍ତିଆର କରିଥିବାବେଳେ ମହମ୍ମଦ ସିରାଜ୍ ଏବଂ କୁଲ୍‌ଦୀପ୍ ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ।

*****